## ହାଇୱା ଧକ୍କାରେ ଶ୍ରମିକ ମୃତ

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ନରସିଂହପୁର,୨୮।୧୨(ସମିସ):



ନରସିଂହପୁର ଥାନା ଅନ୍ତର୍ଗତ ଜୟମଙ୍ଗଳ-ଘୋରଡିଆ ରାସ୍ତାରେ ସାଇକଲରେ କାମ କରିବାକୁ ଯାଉଥିବା ଜୈନିକ ଶ୍ରମିକଙ୍କୁ ଏକ ହାଇୱା ଟ୍ରକ ରବିବାର ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଛି। ରବିବାର ସକାଳେ ଘୋରାଡିଆ ଗ୍ରାମର ସୁଶାନ୍ତ ବେହେରା(୨୬) ସାଇକଲ ଯୋଗେ ଇକଟ ଗ୍ରାମକୁ କାମ କରିବାକୁ ଯାଉଥିଲେ। ସେହି ସମୟରେ ହଠାତ ବିପରୀତ ଦିଗରୁ ବାଲି ବୋଝେଇ ହାଇୱା ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଶ୍ରମିକ ଜଣକଙ୍କର ମୃତ୍ୟୁ ଘଟିଥିବା ଜଣାପଡିଥିଲା। ଏହି ଘଟଣାକୁ ନେଇ ପରିବାର ଓ ଗ୍ରାମବାସୀଙ୍କ ଦ୍ୱାରା ଉକ୍ତ ରାସ୍ତାକୁ ଅବରୋଧ କରାଯାଇଥିଲା। ବହୁ ସମୟ ପରେ ଘଟଣାସ୍ଥଳରେ ଭାରପ୍ରାପ୍ତ ତହସିଲଦାର ପ୍ରଳୟନନ୍ଦ ଶତପଥୀ ଓ ନରସିଂହପୁର ପୁଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଇଥିଲେ। ଏହାପରେ ଶବକୁ ନରସିଂହପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ନରସିଂହପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ବଡମ୍ବା ଡାକ୍ତରଖାନାକୁ ପଠାଇଥିଲେ। ମୃତକ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ କୋଡିଏ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

# ଡ୍ରିମ୍ସ ମେକାନିକାଲ ଇଂଜିନିୟରିଂ ପକ୍ଷରୁ କର୍ମଶାଳା



କଟକ,୨୮।୧୨(ସମିସ): 'ଡ୍ରିମ୍ସ ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍ନୋଲୋଜି'ରେ ଅଟୋମୋବାଇଲ ଇଂଜିନିୟରିଂ ଉପରେ ସପ୍ତାହବ୍ୟାପୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ମେକାନିକାଲ ଇଂଜିନିୟରିଂ ବିଭାଗ ଏବଂ ଡିଭାଇନ୍ ଟେକ୍ ଟ୍ରେନିଂ ଇନଷ୍ଟିଚ୍ୟୁଟ ଆନୁକୂଲ୍ୟରେ ଆୟୋଜିତ 'ହାଇବ୍ରିଡ ଯାନ' ଏବଂ 'ଥ୍ରୀ ଡି ପ୍ରିଣ୍ଟିଂ ଏବଂ ଆଡିଟିଭ୍ ମାନ୍ୟୁଫାକ୍ଚରିଂ' ଦୁଇଟି ବିଷୟ ଭିତ୍ତିକ କର୍ମଶାଳାରେ ଗବେଷକ, ଅଧ୍ୟାପକ, ଅଧ୍ୟାପିକା, ବିଭିନ୍ନ ଉଦ୍ୟୋଗର ବୈଷୟିକ ଓ ବାଣିଜ୍ୟିକ ଅଧିକାରୀ ଏବଂ ମେକାନିକାଲ ଇଂଜିନିୟରିଂ ବିଭାଗର ଶେଷ ବର୍ଷର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। 'ହାଇବ୍ରିଡ୍ ଯାନରେ ଇନ୍ଧନ ଖର୍ଚ୍ଚ କମ କରିବା ଲାଗି ନୂତନ ଉପକରଣ ସଂଯୋଗ ଦ୍ୱାରା ଇଂଜିନ୍ ଲୋଡ ହ୍ରାସ ସହ ଅତିରିକ୍ତ କ୍ଷମତା ବୃଦ୍ଧି ଏବଂ ପାରମ୍ପରିକ ଡିଜାଇନ ବାହାରେ ଡିଜିଟାଲ ପଦ୍ଧତିରେ କମ ଉପକରଣ ବ୍ୟବହାର ଦ୍ୱାରା ଉତ୍ପାଦ ପ୍ରସ୍ତୁତି ମଡେଲ ପ୍ରଦର୍ଶନ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଥିଲା। 'ଡିନ୍' ଡ. ନୟନ ରଂଜନ ସାମଲଙ୍କ ପୌରହିତ୍ୟରେ ଆୟୋଜିତ କର୍ମଶାଳାରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ ହୋତା, ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ଡ. ଆଲୋକ ରଞ୍ଜନ ବିଶ୍ୱାଳ, 'ଡିନ୍' (ଗବେଷଣା) ଡ. ବିଶ୍ୱରଂଜନ ମହାନ୍ତି ଯୋଗଦେଇ କର୍ମାଶାଳାର ଉପାଦେୟତା ଉପରେ ଅଭିମତ ରଖିବା ସହିତ ନିମନ୍ତ୍ରିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। 'ଟୟୋଟା' ଏବଂ 'ଓଡିଶା ଅଟୋମୋବାଇଲ ଡେଭ୍‌ଲପମେଣ୍ଟ ଆସୋସିଏସନ୍ ମିଳିତ ଭାବରେ କର୍ମଶାଳା ପରିଚାଳନା କରିଥିଲେ। ଡିଭାଇନ୍ ଟେକ୍‌ର ପରିଚାଳନା ନିର୍ଦ୍ଦେଶକ ରାକେଶ ପାତ୍ର, ଗ୍ରୁପ୍ ଟେକ୍ନିକାଲ ମୁଖ୍ୟ ଆନନ୍ଦ ସାହୁ, ଦୀପକ ବିଶ୍ୱାଳ, ବିକାଶ ଚୁରା କର୍ମଶାଳାରେ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ତଥା ଆବାହକ ପ୍ରାଧ୍ୟାପକ ଡ. ଦୀପକ ବିଶ୍ୱାଳ କର୍ମଶାଳାର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଡ. ଉତ୍ତମ ତରାଇ, ଅବିନାଶ ବିବେକ ଦାଶ, ରଶ୍ମୀରଞ୍ଜନ ସେନାପତି, ସମୀର ସାହୁ, ଶିବବ୍ରତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଦୁର୍ଘଟଣାରେ ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୨୮।୧୨(ସମିସ): ନିଶ୍ଚିନ୍ତକୋଇଲି ଥାନା ଓଥକା ଗ୍ରାମର ଯୁବ ସଂଗଠକ ପ୍ରଶାନ୍ତ ମହାପାତ୍ର (ଟିଟୁଆ, ୫୩ ବର୍ଷ)ଙ୍କ ଦୁର୍ଘଟଣା ଜନିତ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସ୍ଥାନୀୟ ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ର ସଂଗଠକ ଭାବେ ସେ ବେଶ୍ ପରିଚିତ ଥିଲେ। ଗତ ୨୪ ତାରିଖ ପ୍ରଶାନ୍ତ ବାଇକ୍ ଯୋଗେ ଭୁବନେଶ୍ୱରରୁ ଘରକୁ ଫେରୁଥିଲା ବେଳେ କଟକ ଚାନ୍ଦବାଲି ରାସ୍ତାର ନାଳିଆମୁହଁ ନିକଟରେ ସଡକ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କ ମୃତ୍ୟୁ ଘଟିଛି। ତାଙ୍କର ଶବକୁ ବ୍ୟବଚ୍ଛେଦ କରାଯାଇ ପୈତୃକ ଗ୍ରାମକୁ ଅଣାଯିବା ପରେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଶୋକାକୂଳ ପରିବେଶରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା। ଏକମାତ୍ର ପୁତ୍ର ଶୁଭମ ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କର ଅକାଳ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ସରପଞ୍ଚ କ୍ଷୀରୋଦ ପଣ୍ଡା, ରବିନ୍ଦ୍ରନାଥ ସେଠୀ, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ସାମ୍ବାଦିକ ବଲ୍ଲଭଚରଣ ପଲେଇ, ପରିବାର ସମ୍ପାଦକ ପ୍ରମୋଦ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ନିଶ୍ଚିନ୍ତକୋଇଲି,୨୮।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଗୋପପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୮ମ ବାର୍ଷିକ କ୍ରୀଡା ଉତ୍ସବ ତିନି ଦିନ ଧରି ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାକୁ ପି.ପି. କଲେଜର ଅଧକ୍ଷା ଡ. ତରୁଲତା ଦେବୀ କ୍ରୀଡା ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡାରେ ଅଂଶଗ୍ରହଣ କରି କୃତିତ୍ୱର ସହିତ ବିଜୟଲାଭ କଲା ପରେ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପରିଚାଳନା କମିଟିର ସଭାପତି ଜ୍ଞାନରଞ୍ଜନ ଦାସଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ବିଜୟ କୁମାର ଆଇଚ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା କବି ଗୀତାଞ୍ଜଳି କର, ସମ୍ମାନିତ ଅତିଥିଭାବେ ପରିଚାଳନା କମିଟି ସଂପାଦକ ଡ. ସୁରେନ୍ଦ୍ର ସାଥୁଆ, ଉପସଭାପତି ଶିକ୍ଷାବିତ୍ ଫକୀର ଚରଣ ନାୟକ, ବରିଷ୍ଠ ଆଚାର୍ଯ୍ୟ ଅଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ପୂର୍ଣ୍ୟପ୍ରଭା ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମା' ବାଲୁଙ୍କେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଫୁଲନଖରା,୨୮।୧୨(ସମିସ): ଅରଡିଆପଦାସ୍ଥିତ ମା' ବାଲୁଙ୍କେଇ ଦ୍ୱି-ଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସାହିତ୍ୟିକ ଲିଙ୍ଗରାଜ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ନିଆଳି ବିଧାୟକ ପ୍ରତିନିଧି ଧୀରେନ୍ଦ୍ର ବାରିକ, ଜଗତସିଂହପୁର ସାଂସଦ ପ୍ରତିନିଧି ଦିଲ୍ଲୀପ ପାତ୍ର, କଟକ ସଦର ପ୍ରେସ୍ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର, ଯୁବ ସମାଜସେବୀ କଳ୍ପତରୁ ଖୁଣ୍ଟିଆ, ପ୍ରଭାକର ପାତ୍ର, ମଙ୍ଗଳା ପ୍ରସାଦ ମହାନ୍ତି ଓ ଭାସ୍କର ନାଥ ପ୍ରମୁଖ ଅତିଥିଭାବରେ ଯୋଗ ଦେଇଥିଲେ। ଉକ୍ତ ଫ୍ଲଡ୍ ଲାଇଟ୍ ଟୁର୍ଣ୍ଣାମେଣ୍ଟରେ ଆଖପାଖ ଅଞ୍ଚଳର ୧୬ଟି କ୍ରିକେଟ୍ ଦଳ ଅଂଶଗ୍ରହଣ କରିଛନ୍ତି। ଗ୍ରୁପ୍ 'ଏ'ରୁ ଶୁଭଦ୍ରାପୁର ନାଇଣ୍ଟି ଡିଗ୍ରୀ ଦଳ ଫାଇନାଲ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଅରଡିଆପଦା କ୍ଲବ କର୍ମକର୍ତ୍ତା ତ୍ରୈଲୋକ୍ୟ ମହାପାତ୍ର, ମଣିପ୍ରସାଦ ମହାନ୍ତି, ପ୍ରିୟବ୍ରତ ବେହେରା, ସନ୍ତୋଷ ଦାସ, ସୂର୍ଯ୍ୟପ୍ରକାଶ ମହାପାତ୍ର, ଦୀପକ ପାତ୍ର, ପ୍ରମୋଦ ପ୍ରଧାନ, ଜଗବନ୍ଧୁ ପାତ୍ର, ରାଜକିଶୋର ନାଥ, ଶିଶିର ନାଥ ଓ ଗୋପୀନାଥ ମହାନ୍ତି ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ସାଲେପୁର,୨୮।୧୨(ସମିସ): ସକାଳେ କଟକ-ସାଲେପୁର ରାସ୍ତା ନାଳିଆମୁହ ଛକ ଟିକଟରେ ଏକ କାର୍‌ରେ ମଟରସାଇକଲର ପଛରୁ ଧକ୍କା ଦେବା ଫଳରେ ମଟସାଇକଲ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ରଟିଲୋ ଗ୍ରାମର ରଞ୍ଜନ ବେହେରା (୪୮)। ସେ ନିଜ ମଟରସାଇକଲ ଯୋଗେ କଟକ ଅଭିମୁଖେ ଯାଉଥିବା ସମୟରେ ସାଲେପୁରରୁ କଟକ ଅଭିମୁଖେ ଯାଉଥିବା ଏକ କାର୍ ମଟରସାଇକଲ ପଛପଟୁ ଧକ୍କା ଦେଇଥିଲା। ରଞ୍ଜନ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ସାଲେପୁର ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି କାରଟିକୁ ଜବତ କରିଛି।

# ଦୀପକଙ୍କୁ ବିଜେଡି ସାଧାରଣ ସଂପାଦକ ଦାୟିତ୍ୱ



ଫୁଲନଖରା,୨୮।୧୨(ସମିସ): ଶଙ୍ଖ ଭବନ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲା ସଂପାଦକଙ୍କ ନାମ ଘୋଷଣା କରାଯାଇଛି। କଟକ ସଦର ଅଞ୍ଚଳର ଯୁବ ସଂଗଠକ ପ୍ରଦୀପ କୁମାର ସାହୁଙ୍କୁ ରାଜ୍ୟ ବିଜେଡି ତରଫରୁ ସାଧାରଣ ସଂପାଦକ ଭାବରେ ଘୋଷଣା କରାଯାଇଛି। ରାଜ୍ୟ ନେତୃବୃନ୍ଦଙ୍କ ତାଙ୍କ ଉପରେ ଥିବା ଭରସାକୁ ସେ ସୂଚାରୁ ରୂପେ ତୁଲାଇବା ସହ ଆଗାମୀ ଦିନରେ ସଂଗଠନକୁ ଆହୁରି ମଜବୁତ୍ କରିବା ଦିଗରେ ଯଥେଷ୍ଟ ସମୟ ଦେବେ ବୋଲି ପ୍ରକାଶ କରିଛନ୍ତି। ଦଳ ପ୍ରତି ନିଷ୍ଠା ଓ କର୍ତ୍ତବ୍ୟ ତାଙ୍କୁ ଆଜି ବିଜେଡି ଦଳ ଏଭଳି ଗୁରୁଦାୟିତ୍ୱ ଦେଇଥିବାରୁ ସେ ମଧ୍ୟ ସମସ୍ତ ଦଳୀୟ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସଦର ଅଞ୍ଚଳରେ ତାଙ୍କୁ ଏଭଳି ଦାୟିତ୍ୱ ଦଳ ଦେଇଥିବାରୁ ଦଳୀୟ କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଭଟିମୁଣ୍ଡା ଉଚ୍ଚବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ



ଟାଙ୍ଗୀ,୨୮ ।୧୨(ସମିସ): ଜନ୍ମଦାତ୍ରୀ ପରେ ଦୁନିଆରେ ଯଦି କେହି ମା' ଥାଏ ତାହା ହେଉଛି ଶିକ୍ଷାନୁଷ୍ଠାନ। ତେଣୁ ଜନ୍ମଦାତ୍ରୀ ଭଳି ଶିକ୍ଷାନୁଷ୍ଠାନକୁ ନିଜର ଭାବି ଗୁଣ୍ଡୁଚି ମୂଷାଭଳି ସାହାଯ୍ୟ ଓ ସହାନୁଭୂତିର ହାତ ବଢାଇଲେ ସବୁ ସମସ୍ୟା ସମାଧାନ ହୋଇପାରିବ ବୋଲି ପରାମର୍ଶ ଦେଇଛନ୍ତି ପ୍ରାକ୍ତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶିକ୍ଷା ମଣ୍ଡଳ ଅଧୀନସ୍ଥ ଭଟିମୁଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଡ. ସାହୁ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେବା ସହ ଛାତ୍ରଛାତ୍ରୀଙ୍କୁ ବହୁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ସଭାପତି ଭକ୍ତବତ୍ସଳ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଙ୍କ ସହ ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶାର ପ୍ରାକ୍ତନ ସଭାପତି ସତ୍ୟକାମ ମିଶ୍ର ମୁଖ୍ୟବକ୍ତା, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ, ସଭ୍ୟ ଚିତ୍ତରଞ୍ଜନ ସାମଲ, ଶିଳ୍ପଦ୍ୟୋଗୀ ଭାଲଚନ୍ଦ୍ର ମହାନ୍ତି, ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷ ତଥା ସରପଞ୍ଚ ତପସ୍ୱୀ ନାରାୟଣ ସାହୁ, ସମିତିସଭ୍ୟ ଭକ୍ତବତ୍ସଳ ମହାରଣା ଓ ପ୍ରଧାନ ଶିକ୍ଷୟିତ୍ରୀ ଶ୍ୱେତପଦ୍ମାସିନୀ ମଲ୍ଲିକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କମିଟି ସମ୍ପାଦକ ସୁବାସ ଚନ୍ଦ୍ର ସେଠୀ ସମ୍ପାଦକୀୟ ବିବରଣୀ ପାଠ କଲା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଉଚ୍ଚ ବିଦ୍ୟାଳୟ ସହ ସନ୍ନିକଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସମେତ ସାମ୍ବାଦିକଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବା ଚର୍ଚ୍ଚାକୁ ଆସିଥିଲା।

## ବିପୁଳ ଦେଶୀମଦ ଜବତ

ଆଠଗଡ଼,୨୮।୧୨(ସମିସ): କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମ ଏବଂ ନିକଟସ୍ଥ କାଜୁ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା ଏବଂ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ଏକ ମିଳିତ ଚଢ଼ଉ କରାଯାଇ ୨୨୦୫ ଲିଟର ଦେଶୀ ମଦ ସହ ୨୨,୯୯୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଏଥିନେଇ ଅବକାରୀ ବିଭାଗ ପକ୍ଷରୁ ୫ଟି ମାମଲା ରୁଜୁ କରାଯାଇଛି। ଏହି ଚଢଉରେ ଆଠଗଡ, ବାଙ୍କୀ ଓ ନରସିଂହପୁର ଅବକାରୀ ବିଭାଗର କର୍ମଚାରୀ ସାମିଲ ଥିଲେ।

## ଶିବଶଙ୍କର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ବଡମ୍ବା କ୍ରିକେଟ କ୍ଲବ୍



ଆଠଗଡ,୨୮।୧୨(ସମିସ): ଷ୍ଟାର କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ଶିବଶଙ୍କର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ଖେଳରେ ତିଗିରିଆ ନୂଆପାଟଣା କ୍ରିକେଟ କ୍ଲବକୁ ୪ ୱିକେଟରେ ପରାସ୍ତ କରି ବଡମ୍ବା କ୍ରିକେଟ କ୍ଲବ ଫାଇନାଲକୁ ଉନ୍ନୀତ ହୋଇଛି। ଟସ୍ ହାରି ନୂଆପାଟଣା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୪୮ ରନ କରିଥିଲା। ଯବାବରେ ବଡ଼ମ୍ବା ଦଳ ବ୍ୟାଟିଂ କରି ୧୯.୫ ଓଭରରେ ୨୪୯ ରନ୍ କରି ବିଜୟ ହାସଲ କରିଥିଲେ। ଚିତ୍ତ ରଞ୍ଜନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ବିବେଚନା କରାଯାଇଥିଲା। ଉନ୍ନତ କ୍ଷେତ୍ରରକ୍ଷଣ କରି ଏକ ଉଚ୍ଚମାନର କ୍ୟାଚ ଧରିଥିବାରୁ ପ୍ରତୀକ ଜେନାଙ୍କୁ ସ୍ୱତନ୍ତ୍ର ପୁରସ୍କୃତ କରାଯାଇଥିଲା। ଆଜିର ମ୍ୟାଚରେ ସ୍ଥାନୀୟ ଏସ୍‌ଏସ୍‌ଏମ୍ +୨ ବିଦ୍ୟାଳୟର ପ୍ରୋପାଇଟର୍ ମାତୃ ପ୍ରସାଦ ଦାଶ, ମାନସ ସାହୁ, ସନ୍ତୋଷ ପରିଡା ପ୍ରମୁଖ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବଣ୍ଟନ କରିଥିଲେ। ଅମ୍ପୟାର ଭାବେ ଲିଟନ ସ୍ୱାଇଁ ଓ ଶରତ ବେହେରା ଖେଳ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା




ଫୁଲନଖରା,୨୮।୧୨(ସମିସ): କଟକ ଜିଲ୍ଲା ତୀରନ୍ଦାଜ ସଂଘ ଓ ରାଜ୍ୟ ତୀରନ୍ଦାଜ ସଂଘ ମିଳିତ ଆନୁକୂଲ୍ୟରେ କୁରାଙ୍ଗଶାସନସ୍ଥିତ ମିନି ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଟକ ତୀରନ୍ଦାଜ ସଂଘ ସଭାପତି ପରିକ୍ଷୀତ ମହାରଣା, କ୍ରୀଡା ସଂଗଠକ ସଦାନନ୍ଦ ଦାସ ଓ ସ୍ଥାନୀୟ ଲୋକପ୍ରତିନିଧି ଅତିଥିଭାବରେ ଯୋଗଦେଇଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୦ ବର୍ଷରୁ ନିମ୍ନ ବର୍ଗରେ କେନ୍ଦୁଝର ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ୍‌ର ଧରସ୍ୱିନ୍ ଦେବୀ ବୀରଭଦ୍ରମ୍ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କଟକ ଜିଲ୍ଲା ତୀରନ୍ଦାଜ ସଂଘର ଦେବାଂଶ କ୍ରିଷ୍ଣା ରାଉତ ଦ୍ୱିତୀୟ, ମୟୂରଭଞ୍ଜ ଜିଲ୍ଲା ତୀରନ୍ଦାଜ ସଂଘର ଆଦିତ୍ୟ କିସ୍‌କୁ ତୃତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି। ସିଦ୍ଧେଶ୍ୱର ସ୍ପୋର୍ଟିଂ କ୍ଲବର ସଦସ୍ୟମାନେ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ

କଟକ,୨୮।୧୨(ସମିସ):



ତିନିଦିନ ଧରି ଚାଲିଥିବା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ୪୨ତମ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ତୃତୀୟ ଦିବସର ପୂର୍ବାହ୍ନ ୯ଟା ସମୟରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଗାଇଡ ଶିକ୍ଷକ, ଶିକ୍ଷୟିତ୍ରୀ ଓ ନେତୃମଣ୍ଡଳୀଙ୍କୁ ନେଇ ଏକ ଶାନ୍ତି ଶୋଭାଯାତ୍ରା ଓଷ୍ଟା କାର୍ଯ୍ୟାଳୟ ନୟାସଡ଼କରୁ ବାହାରି ଚୌଧୁରୀ ବଜାର, ଦରଘାବଜାର ଦେଇ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମ ପୀଠରେ ପହଞ୍ଚିଥିଲା। ସେଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ତଥା ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପୂର୍ବାହ୍ନ ୧୧ଟା ସମୟରେ ଏକକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ଣରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ନେଇ ଏକ "ଛାୟା ବିଧାନସଭା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ସାଂଗଠନିକ ଜିଲ୍ଲାର ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ଦ୍ୱାରା ଏହି ଦଳଗତ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା। ଅପରାହ୍ନରେ ସଭାପତି ଅକ୍ଷୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବିଜେପି ସଭାପତି ମନମୋହନ ସାମଲ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ, କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ଡ. ପବିତ୍ର ସୁବୁଦ୍ଧି, ବିଶିଷ୍ଟ ଅତିଥିଭାବେ ପ୍ରାକ୍ତନ ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ ଡ. ସନାତନ ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସିନେ ତାରକା କୁନା ତ୍ରିପାଠୀ ଯୋଗ ଦେଇଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ଓଷ୍ଟା ଇତିହାସ ସମ୍ବନ୍ଧିତ ପୁସ୍ତିକା ସ୍ମୃତି ଓ ବିସ୍ମୃତିରେ ଓଷ୍ଟା ଦ୍ୱିତୀୟ ଖଣ୍ଡର ଉନ୍ମୋଚନ କରାଯାଇଥିଲା। ସାଧାରଣ ସମ୍ପାଦକ ରଞ୍ଜନ ଦାଶ ଉଦ୍‌ଯାପନ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାପତି ଅକ୍ଷୟ ମିଶ୍ର ଶିକ୍ଷଣୀୟ କାହାଣୀର ଅବତାରଣା କରିଥିଲେ। କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ପିଲାମାନଙ୍କୁ ପରିବେଶ ଓ ପରିସ୍ଥିତି ସହ ଖାପ ଖୁଆଇବା ପାଇଁ ପରାମର୍ଶ ଦେବା ସହ ପିଲାମାନଙ୍କୁ ଲୁଣ ପରି ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ନିମନ୍ତ୍ରିତ ଅତିଥିବୃନ୍ଦ ତିନି ଦିନ ମଧ୍ୟରେ ହୋଇଥିବା ତର୍କ, କଣ୍ଠ ସଂଗୀତ, କବିତା ରଚନା, ଗଳ୍ପଲିଖନ, ଚିତ୍ରାଙ୍କନ, ଆବୃତ୍ତି, ଏକକ ଅଭିନୟ, ଏକକ ନୃତ୍ୟ, ବୁଦ୍ଧି ପରୀକ୍ଷା ଓ ସାଧାରଣଜ୍ଞାନ ଇତ୍ୟାଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଓଷ୍ଟା ଶୈକ୍ଷିକ କମିଟି ସମ୍ପାଦକ ପ୍ରଣବ ଜେନା ଅତିଥିଙ୍କ ପରିଚୟ ପ୍ରଦାନ ପୂର୍ବକ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସମ୍ପାଦିକା ଯୁଗପ୍ରଭା ସାବତ ଅତିଥିଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ଓ ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର ସୁବୁଦ୍ଧି ମଞ୍ଚାସୀନ ଥିଲେ। ଓଷ୍ଟାର ସମସ୍ତ ପଦାଧିକାରୀ, ଜିଲ୍ଲାସମ୍ପାଦକ, କାର୍ଯ୍ୟକାରୀ କମିଟି ସଦସ୍ୟ ନେତୃତ୍ୱବୃନ୍ଦ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

